# ASSIGNMENTS

## ଦତ୍ତକର୍ମ : ତୃତୀୟ ସେମିଷ୍ଟାର

ପାଠ୍ୟକ୍ରମ : ୯,୧୦,୧୧,୧୨

ଶିକ୍ଷାବର୍ଷ: ୨୦୨୦-୨୧

ସ୍ନାତକୋତ୍ତର ଓଡ଼ିଆ ପାଠ୍ୟକ୍ରମ

ଉତ୍ତର ଲେଖିବା ପୂର୍ବରୁ ନିୟମାବଳୀକୁ ଯତ୍ନର ସହିତ ପାଠ କରନ୍ତୁ।

# ନିୟମାବଳୀ

**ଦତ୍ତକର୍ମ :** ତୃତୀୟ ସେମିଷ୍ଟାର, ପାଠ୍ୟକ୍ରମ -୯,୧୦,୧୧,୧୨

ଶିକ୍ଷାବର୍ଷ : ୨୦୨୦-୨୧

ସ୍ନାତକୋତ୍ତର ଓଡ଼ିଆ ପାଠ୍ୟକ୍ରମ

ପ୍ରିୟ ବିଦ୍ୟାର୍ଥୀଗଣ,

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ଦ୍ୱାରା ପ୍ରସ୍ତୁତ ଏବଂ ପରିବେଷିତ ସ୍ନାତକୋତ୍ତର ଓଡ଼ିଆ ପାଠ୍ୟକ୍ରମ ଆପଣମାନଙ୍କୁ ସ୍ୱାଗତ। ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରତିଟି ପାଠ୍ୟକ୍ରମ ପାଇଁ ଆପଣମାନଙ୍କୁ ଗୋଟିଏ ଲେଖାଏଁ ଦତ୍ତକର୍ମ ପ୍ରସ୍ତୁତକରି ଦାଖଲ କରିବାକୁ ହେବ। ତାହାଦ୍ୱାରା ନିର୍ଦ୍ଧାରିତ ସମୟରେ ନିରୂପିତ ଅନ୍ତିମ ପରୀକ୍ଷା ଦେବାର ଯୋଗ୍ୟତା ଆପଣମାନେ ଅର୍ଜନ କରିପାରିବେ। ଏସବୁ ଦତ୍ତକର୍ମ ଆପଣମାନଙ୍କ ପଠନ କେନ୍ଦ୍ରର ପରାମର୍ଶ ଦାତାମାନଙ୍କ ଦ୍ୱାରା ମୂଲ୍ୟାୟନ କରାଯିବ। ତେଣୁ, ଆପଣମାନେ ଏହାକୁ ନିଜ ପଠନ କେନ୍ଦ୍ରର ସଂଯୋଜକଙ୍କ ନିକଟରେ ଦାଖଲ କରିବାକୁ ଚେଷ୍ଟାକରିବେ। ଦତ୍ତକର୍ମ ଉତ୍ତର ଲେଖିବା ପୂର୍ବରୁ ପାଠ୍ୟ ବିଷୟ ବସ୍ତୁ ଉପରେ ଅତ୍ୟନ୍ତ ମନଯୋଗୀ ଦୃଷ୍ଟିରଖନ୍ତୁ। ଏଥି ସଂପର୍କିତ ନିର୍ଦ୍ଦେଶାବଳୀକୁ ପାଠକରନ୍ତୁ। ଆପଣମାନଙ୍କ ନିକଟରେ ଉପଲବ୍ଧ ପାଠ୍ୟ ଉପକରଣ କିମ୍ବା ସେଭଳି କିଛି ବହିରୁ ନକଲ କରିବାକୁ ଚେଷ୍ଟା କରନ୍ତୁ ନାହିଁ। ତେଣୁ, ଆପଣମାନଙ୍କୁ ପରାମର୍ଶ ଛଳରେ ଏତିକି କୁହାଯାଇ ପାରିବ ଯେ ପାଠ୍ୟଉପକରଣ ଗୁଡ଼ିକୁ ମନଦେଇ ପାଠକରି ବୁଝିବାକୁ ଚେଷ୍ଟାକରନ୍ତୁ ଏବଂ ଯଥାସମ୍ଭବ ନିଜଭାଷା ଓ ଶୈଳୀରେ ଉତ୍ତର ଲେଖିବାକୁ ଚେଷ୍ଟାକରନ୍ତୁ। ତାହାଦ୍ୱାରା ଆପଣମାନେ ଭଲ ଗ୍ରେଡ୍ /ନମ୍ବର ପାଇ ପାରିବେ।

**ଦତ୍ତକର୍ମର ଉଦ୍ଦେଶ୍ୟ:**

ମୁକ୍ତ ଓ ଦୂର ଶିକ୍ଷା ପାଠ୍ୟକ୍ରମ କ୍ଷେତ୍ରରେ ଦତ୍ତକର୍ମ ଗୁଡ଼ିକ ନିରବଚ୍ଛିନ୍ନ ମୂଲ୍ୟାୟନ ପ୍ରକ୍ରିୟାର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ । ଦତ୍ତକର୍ମ ଗୁଡ଼ିକରେ ଆପଣମାନେ ଯେଉଁ ଗ୍ରେଡ୍ / ମାର୍କ ଅର୍ଜନ କରି ଥାଆନ୍ତି, ସେସବୁ ଆପଣମାନଙ୍କର ଶେଷ ପର୍ଯ୍ୟାୟ ନିରୂପିତ ଅନ୍ତିମ ପରୀକ୍ଷାରେ ଉତ୍ତର ଫଳାଫଳକୁ ପ୍ରଭାବିତ କରିବ। ଦତ୍ତକର୍ମରେ ଭଲ ଗ୍ରେଡ୍ / ମାର୍କ ରଖିଲେ ଆପଣମାନଙ୍କ ମୋଟା ମୋଟି ପରୀକ୍ଷା ଫଳ ଖୁବ୍ ଭଲ ହେବ। ମୁକ୍ତ ଓ ଦୂର ଶିକ୍ଷା ପଠନ କ୍ଷେତ୍ରରେ ଦତ୍ତକର୍ମ ଗୋଟିଏ ବେଶ୍ ଗୁରୁତ୍ୱପୂର୍ଣ୍ଣ ଅଂଶ। ଦତ୍ତକର୍ମର ମୂଲ୍ୟାୟନ ପରେ ମୂଲ୍ୟାୟନକାରୀଙ୍କ ଦ୍ୱାରା ପ୍ରଦତ୍ତ ନିର୍ଦ୍ଦିଷ୍ଟ / ସାଧାରଣ ମନ୍ତବ୍ୟ ସହିତ ସେଗୁଡ଼ିକୁ ଆପଣମାନଙ୍କୁ ଫେରସ୍ତ କରି ଦିଆଯିବ। ଫଳରେ ଆପଣମାନେ ନିଜର ଦୁର୍ବଳତା ଓ ଭଲ ଦିଗ ଗୁଡ଼ିକ ଜାଣି ପାରିବେ। ତାହାଦ୍ୱାରା ଶିକ୍ଷାର୍ଥୀ ଓ ମୂଲ୍ୟାୟନକାରୀ (ପରାମର୍ଶଦାତା)ଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ମଧ୍ୟ ଉତ୍ତମ ହୋଇପାରିବ।

**ଦତ୍ତକର୍ମ ଲେଖିବେ କିପରି ?**

୧. ଉତ୍ତର ଖାତାର ସର୍ବୋଚ୍ଚ ସ୍ଥାନରେ ଆପଣମାନଙ୍କ ନାମ, ପାଠ୍ୟକ୍ରମର କୋଡ୍, ପାଠ୍ୟକ୍ରମର ନାମ, ନାମ ଲେଖା କ୍ରମିକ ସଂଖ୍ୟା, ଶିକ୍ଷା କେନ୍ଦ୍ରର କୋଡ୍ ନମ୍ବର ଉଲ୍ଲେଖ କରିବେ ।

୨. ଉତ୍ତର ଗୁଡ଼ିକ ନିଜ ହସ୍ତାକ୍ଷରରେ ଲେଖିବେ । ପ୍ରତି ପୃଷ୍ଠାର ବାମ ପାର୍ଶ୍ୱରେ ଏବଂ ପ୍ରତି ଅନୁଚ୍ଛେଦ ପରେ ମୂଲ୍ୟାଙ୍କନକାରୀ ତାଙ୍କ ମନ୍ତବ୍ୟ ଲେଖି ପାରୁଥିବା ଭଳି ଯଥେଷ୍ଟ ସ୍ଥାନ ଖାଲି ରଖିବେ ।

୩. ପ୍ରତିଟି ପ୍ରଶ୍ନ ପାଇଁ ନିର୍ଦ୍ଧାରିତ ଶବ୍ଦ ସୀମା ଅନୁସରଣ କରନ୍ତୁ ।

୪. ଆପଣମାନଙ୍କ ହସ୍ତାକ୍ଷର ସ୍ୱଷ୍ଟ ଏବଂ ପଠନ ଉପଯୋଗୀ ହେବା ବିଧେୟ ।

**ଦତ୍ତକର୍ମର ଭୂମିକା:**

୧. ପ୍ରତିଟି ଦତ୍ତକର୍ମ ଗୋଟିଏ ମୂଲ୍ୟାଙ୍କନର ଶତକଡ଼ା ୨୫ ଭାଗ ଗୁରୁତ୍ୱ ବହନ କରିବ ଏବଂ ନରୂପିତ ଅନ୍ତିମ ପରୀକ୍ଷା ଅବଶିଷ୍ଟ ଶତକଡ଼ା ୭୫ ଭାଗର ଗୁରୁତ୍ୱ ବହନ କରିବ ।

୨. ପ୍ରତିଟି ଦତ୍ତକର୍ମ ୧୦୦ ନମ୍ବର ବିଶିଷ୍ଟ ହେବ । ମାତ୍ର ଏହା ନିରୂପିତ ଅନ୍ତିମ ପରୀକ୍ଷାର ଶତକଡ଼ା ୨୫ ଭାଗ ଗୁରୁତ୍ୱ ବହନ କରିବ ।

୩. ଆପଣମାନଙ୍କୁ ସର୍ବନିମ୍ନ ପାସ୍ ହାର ଅର୍ଥାତ୍ ପ୍ରତି ଦତ୍ତକର୍ମରେ ଅନ୍ତତଃ ୪୦ ନମ୍ବର ଅର୍ଜନ କରିବାକୁ ହେବ। ଆପଣମାନେ ଯଦି ଦତ୍ତକର୍ମର ଉତ୍ତର ପ୍ରଦାନ କରିବେ ନାହିଁ କିମ୍ବା ତହିଁରେ ଫେଲ୍ ନମ୍ବର ରଖିବେ, ତେବେ ପରବର୍ତ୍ତୀ ବର୍ଷରେ ଆପଣମାନଙ୍କୁ ଆଉ ଥରେ ଦତ୍ତକର୍ମର ଉତ୍ତର ଦାଖଲ କରିବାକୁ ହେବ ।

# ଦତ୍ତକର୍ମ

# ASSIGNMENTS

## ସ୍ନାତକୋତ୍ତର ଓଡ଼ିଆ ପାଠ୍ୟକ୍ରମ

### ତୃତୀୟ ସେମିଷ୍ଟାର

### ଦାଖଲ କରିବାର ସମୟସୀମା
### Submission Dates

| Course Code | Name of the Course | Date |
|---|---|---|
| MAOD - 9 | ସମ୍ପାଦନା | ୨୮ ଫେବୃଆରୀ ୨୦୨୧ |
| MAOD - 10 | ପାଶ୍ଚାତ୍ୟ କାବ୍ୟତତ୍ତ୍ୱର ସଂକ୍ଷିପ୍ତ ଇତିହାସ | ୨୮ ଫେବୃଆରୀ ୨୦୨୧ |
| MAOD - 11 | ଭାଷାର ଗଠନ ଓ ପ୍ରକାର୍ଯ୍ୟ | ୨୮ ଫେବୃଆରୀ ୨୦୨୧ |
| MAOD - 12 | ଓଡ଼ିଆ ଭାଷା ଅଧ୍ୟୟନ | ୨୮ ଫେବୃଆରୀ ୨୦୨୧ |

**ସ୍ନାତକୋତ୍ତର ଓଡ଼ିଆ**

**କାର୍ଯ୍ୟକ୍ରମ -୯: ଇଚ୍ଛାଧୀନ ପତ୍ର: ସମ୍ପାଦନା**

**ଶିକ୍ଷାବର୍ଷ - ୨୦୨୦-୨୧**

**ଦତ୍ତକର୍ମ - ୯/୧**

**(ସମସ୍ତ ବିଭାଗ ବାଧ୍ୟତାମୂଳକ)**

**ବିଭାଗ - କ**

**ପୂର୍ଣ୍ଣସଂଖ୍ୟା -୧୦୦**

**୧) ସମସ୍ତ ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୫୦ ଶବ୍ଦ ମଧ୍ୟରେ)** **୨ X ୫ = ୧୦**

କ) ପୁଷ୍ପିକା କ'ଣ ?

ଖ) ପୋଥି କେତେ ପ୍ରକାର ?

ଗ) ବର୍ଣ୍ଣବିଭ୍ରାନ୍ତି କହିଲେ କ'ଣ ବୁଝାଏ ?

ଘ) ସମ୍ପାଦନାର ଅର୍ଥ କ'ଣ ?

ଙ) ସମରି ଲଡ୍ କାହାକୁ କୁହାଯାଏ ?

**ବିଭାଗ - ଖ**

**୨) ସମସ୍ତ ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୦୦ ଶବ୍ଦ ମଧ୍ୟରେ)** **୫ X ୪ = ୨୦**

କ) ପାଠ ସଂଶୋଧନ ପାଇଁ କେଉଁ ତିନି ପ୍ରକାର ବ୍ୟବସ୍ଥା ଅଛି ?

ଖ) କେଉଁ ଗ୍ରନ୍ଥରେ ସହାୟକ ଗ୍ରନ୍ଥସୂଚୀର ଆବଶ୍ୟକତା ?

ଗ) ସମ୍ପାଦନାର ପ୍ରକାରଭେଦ ଦର୍ଶାଅ।

ଘ) ସମ୍ବାଦ ସମ୍ପାଦନାର ମୌଳିକ ଦିଗଗୁଡ଼ିକ ଆଲୋଚନା କର।

**ବିଭାଗ - ଗ**

**୩) ଯେକୌଣସି ଚାରୋଟିର ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦୦ ଶବ୍ଦ ମଧ୍ୟରେ)** **୧୦ X ୪ = ୪୦**

କ) ପାଦଟୀକାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କର।

ଖ) ବିଷୟ ବିନ୍ୟାସ କ'ଣ ? ପାଣ୍ଡୁଲିପି ସମ୍ପାଦନା କ୍ଷେତ୍ରରେ ତା'ର ଭୂମିକା ନିର୍ଣ୍ଣୟ କର।

ଗ) ପୋଥି ସମ୍ପାଦନା କିପରି କରାଯାଏ ?

ଘ) ଅନୁବାଦ ଲୋନ୍ ୱାଡ୍ ବା ଶବ୍ଦ ଗ୍ରହଣର ଭୂମିକା ଆଲୋଚନା କର।

**ବିଭାଗ - ଘ**

**୪) ଯେକୌଣସି ଦୁଇଟିର ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୩୦୦ ଶବ୍ଦ ମଧ୍ୟରେ)** **୧୫ X ୨ = ୩୦**

କ) ପୁସ୍ତକ ସମ୍ପାଦନା ଏକ ସହଜସାଧ୍ୟ ବିଷୟ ନୁହଁ ଆଲୋଚନା କର।

ଖ) ପାଣ୍ଡୁଲିପିର କାଳ ନିରୂପଣ କେଉଁ ଉପାୟରେ କରାଯାଏ ଆଲୋଚନା କର।

## ସ୍ନାତକୋତ୍ତର ଓଡ଼ିଆ
## କାର୍ଯ୍ୟକ୍ରମ-୧୦- ପାଶ୍ଚାତ୍ୟ କାବ୍ୟତତ୍ତ୍ୱର ସଂକ୍ଷିପ୍ତ ଇତିହାସ
## ଶିକ୍ଷାବର୍ଷ - ୨୦୨୦-୨୧
## ଦତ୍ତକର୍ମ - ୧୦

(ସମସ୍ତ ବିଭାଗ ବାଧ୍ୟତାମୂଳକ)

### ବିଭାଗ - କ

ପୂର୍ଣ୍ଣସଂଖ୍ୟା -୧୦୦

**୧) ସମସ୍ତ ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୫୦ ଶବ୍ଦ ମଧ୍ୟରେ)** **୨ X ୫ = ୧୦**

କ) ସକ୍ରେଟିସ୍ କବିତାକର୍ମୀଙ୍କୁ କାହାର ସନ୍ଦେଶ କହିଛନ୍ତି ?

ଖ) ଟି.ଏସ୍, ଇଲିଅଟ୍‌ଙ୍କ ମତରେ ନୂତନ ସମାଲୋଚନା କ'ଣ ?

ଗ) Structure ର ଲାଟିନ୍ ଅର୍ଥ କ'ଣ ?

ଘ) ପାଠକ ପ୍ରତିକ୍ରିୟା ତତ୍ତ୍ୱରେ କାହାକୁ ଗୁରୁତ୍ୱ ପ୍ରଦାନ କରାଯାଏ ?

ଙ) ପରିବେଶ ସମାଲୋଚନାରେ କେଉଁ ସମ୍ପର୍କକୁ ଗୁରୁତ୍ୱ ପ୍ରଦାନ କରାଯାଏ ?

### ବିଭାଗ - ଖ

**୨) ସମସ୍ତ ପ୍ରଶ୍ନର ସଂକ୍ଷିପ୍ତ ଟିପ୍ପଣୀ ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୦୦ ଶବ୍ଦ ମଧ୍ୟରେ)** **୫ X ୪ = ୨୦**

କ) ରୋମାଣ୍ଟିକ ସାହିତ୍ୟର ସ୍ୱରୂପ ଦର୍ଶାଅ।

ଖ) ଉପନିବେଶବାଦ କହିଲେ କ'ଣ ବୁଝ ?

ଗ) ଅନ୍ତଃଶୃଙ୍ଖଳୀୟ ସାହିତ୍ୟ କହିଲେ କ'ଣ ବୁଝାଏ ?

ଘ) ଉଦ୍ଦେଶ୍ୟବାଦୀ ନୃକୈନ୍ଦ୍ରୀକତା କ'ଣ ?

### ବିଭାଗ - ଗ

**୩) ସମସ୍ତ ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦୦ ଶବ୍ଦ ମଧ୍ୟରେ)** **୧୦ X ୪ = ୪୦**

କ) କଳା ପାଇଁ କଳା ମତବାଦର ଉଦ୍ଦେଶ୍ୟ ଲେଖ।

ଖ) ସାହିତ୍ୟର ଆଲୋଚନା ନିମିତ୍ତ ସଂରଚନାବାଦ କିପରି ସାହାଯ୍ୟ କରେ ?

ଗ) ଅପସାରିତ ସାହିତ୍ୟ ସମାଲୋଚନାର ସ୍ୱରୂପ ଆଲୋଚନା କର।

ଘ) ପ୍ରକୃତି ଓ ସଂସ୍କୃତି ମଧ୍ୟରେ ବିପରୀତ ଚେତନା କିପରି କ୍ରିୟାଶୀଳ ହୋଇଥାଏ ?

### ବିଭାଗ - ଘ

**୪) ସମସ୍ତ ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୩୦୦ ଶବ୍ଦ ମଧ୍ୟରେ)** **୧୫ X ୨ = ୩୦**

କ) ଓଡ଼ିଆ କବିତାରେ ଚିତ୍ରକଳ୍ପର କିପରି ପ୍ରୟୋଗ ହୋଇଛି ଆଲୋଚନା କର।

ଖ) ଦଳିତ ସାହିତ୍ୟର ସ୍ୱରୂପ ଆଲୋଚନା କର।

**ସ୍ନାତକୋତ୍ତର ଓଡ଼ିଆ**

**କାର୍ଯ୍ୟକ୍ରମ - ୧୧- ଭାଷାର ଗଠନ ଓ ପ୍ରକାର୍ଯ୍ୟ**

**ଶିକ୍ଷାବର୍ଷ - ୨୦୨୦-୨୧**

**ଦତ୍ତକର୍ମ - ୧୧**

**(ସମସ୍ତ ବିଭାଗ ବାଧ୍ୟତାମୂଳକ)**

**ବିଭାଗ - କ**

**ପୂର୍ଣ୍ଣସଂଖ୍ୟା -୧୦୦**

**୧) ସମସ୍ତ ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୫୦ ଶବ୍ଦ ମଧ୍ୟରେ) ୨ X ୫ = ୧୦**

କ) ଫୋନିମ କାହାକୁ କୁହାଯାଏ ?

ଖ) ଜିହ୍ୱାର ପ୍ରକାର୍ଯ୍ୟ ଦୃଷ୍ଟିରୁ ସ୍ୱରଧ୍ୱନିକୁ କେତେ ଭାଗରେ ବିଭକ୍ତ କରାଯାଏ ?

ଗ) ମୁକ୍ତ ରୂପିମ କାହାକୁ କୁହାଯାଏ ?

ଘ) ବାକ୍ୟ ପରିବର୍ତ୍ତନର ତିନୋଟି ମୁଖ୍ୟ କାରଣ ଲେଖ।

ଙ) ଅର୍ଥ ସଂପ୍ରସାରଣ କିପରି ହୁଏ ?

**ବିଭାଗ - ଖ**

**୨) ସମସ୍ତ ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୦୦ ଶବ୍ଦ ମଧ୍ୟରେ) ୫ X ୪ = ୨୦**

କ) ଧ୍ୱନିବିଜ୍ଞାନ କାହାକୁ କୁହାଯାଏ ?

ଖ) ରୂପିମ କାହାକୁ କୁହାଯାଏ ?

ଗ) ବାକ୍ୟ ସଂରଚନା ପଦ୍ଧତି କାହାକୁ କୁହାଯାଏ ?

ଘ) ଅର୍ଥାଦେଶ କହିଲେ କ'ଣ ବୁଝ ?

**ବିଭାଗ - ଗ**

**୩) ସମସ୍ତ ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦୦ ଶବ୍ଦ ମଧ୍ୟରେ) ୧୦ X ୪ = ୪୦**

କ) ବାଗ୍‌ଯନ୍ତ୍ରର ବିଭିନ୍ନ ଅଂଶର କାର୍ଯ୍ୟାବଳୀ ଆଲୋଚନା କର।

ଖ) ଶବ୍ଦରୂପ ନିର୍ମାଣ ପ୍ରକ୍ରିୟା ଆଲୋଚନା କର।

ଗ) ବାକ୍ୟର ବୈଶିଷ୍ଟ୍ୟ ଆଲୋଚନା କର।

ଘ) ଅର୍ଥାଗମ ଓ ଅର୍ଥଲୋପ କିପରି ହୁଏ ଦର୍ଶାଅ।

**ବିଭାଗ - ଘ**

**୪) ସମସ୍ତ ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୩୦୦ ଶବ୍ଦ ମଧ୍ୟରେ) ୧୫ X ୨ = ୩୦**

କ) ଓଡ଼ିଆ ଶବ୍ଦ ନିର୍ମାଣରେ ପରପଦର ଭୂମିକା ନିରୂପଣ କର।

ଖ) ପାଚ୍ୟ ବିଦ୍ୱାନଙ୍କ ଦୃଷ୍ଟିରୁ ଅର୍ଥର ପରିଭାଷା ଆଲୋଚନା କର।

**ସ୍ନାତକୋତ୍ତର ଓଡ଼ିଆ**

**କାର୍ଯ୍ୟକ୍ରମ - ୧୨ - ଓଡ଼ିଆ ଭାଷା ଅଧ୍ୟୟନ**

**ଶିକ୍ଷାବର୍ଷ - ୨୦୨୦-୨୧**

**ଦତ୍ତକର୍ମ - ୧୨**

**(ସମସ୍ତ ବିଭାଗ ବାଧ୍ୟତାମୂଳକ)**

**ବିଭାଗ - କ**

**ପୂର୍ଣ୍ଣସଂଖ୍ୟା -୧୦୦**

**୧) ସମସ୍ତ ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୫୦ ଶବ୍ଦ ମଧ୍ୟରେ)** **୨ X ୫ = ୧୦**

କ) ଭାରତୀୟ ଆର୍ଯ୍ୟ ଭାଷାର ବିଭାଗୀକରଣ ଲେଖ ?

ଖ) ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା କାହାକୁ କୁହାଯାଏ ?

ଗ) ଓଡ଼ିଆ ଭାଷା କେବେ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛି ?

ଘ) ବାକ୍ୟର ସଂଜ୍ଞା ଲେଖ।

ଙ) କାରକ କାହାକୁ କୁହାଯାଏ ?

**ବିଭାଗ - ଖ**

**୨) ସମସ୍ତ ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୦୦ ଶବ୍ଦ ମଧ୍ୟରେ)** **୫ X ୪ = ୨୦**

କ) ସେମେଟିକ୍ ଭାଷା ପରିବାରର ଲକ୍ଷଣ ଲେଖ।

ଖ) ତତ୍ସମ ଶବ୍ଦର ବୈଶିଷ୍ଟ୍ୟ ଲେଖ।

ଗ) କ୍ରିୟାମୂଳ କାହାକୁ କୁହାଯାଏ।

ଘ) ସମାସର ବୈଶିଷ୍ଟ୍ୟ ଦର୍ଶାଅ।

**ବିଭାଗ - ଗ**

**୩) ସମସ୍ତ ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦୦ ଶବ୍ଦ ମଧ୍ୟରେ)** **୧୦ X ୪ = ୪୦**

କ) ଭାରତର ଭାଷା ପରିବାର ସମ୍ପର୍କରେ ଆଲୋଚନା କର।

ଖ) ଶବ୍ଦ ଧାତୁରେ ପର ପ୍ରତ୍ୟୟ ବିଧି ଦର୍ଶାଅ।

ଗ) ଓଡ଼ିଆ କ୍ରିୟା ବିଭକ୍ତି ଆଲୋଚନା କର।

ଘ) କାରକ ଓ ବିଭକ୍ତି ମଧ୍ୟରେ ଥିବା ସମ୍ପର୍କ ଆଲୋଚନା କର।

**ବିଭାଗ - ଘ**

**୪) ସମସ୍ତ ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୩୦୦ ଶବ୍ଦ ମଧ୍ୟରେ)** **୧୫ X ୨ = ୩୦**

କ) ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବାର ଯଥାର୍ଥତା ଦର୍ଶାଅ।

ଖ) ଓଡ଼ିଆ କ୍ରିୟାପଦର ବିଭାଗୀକରଣ ଦର୍ଶାଅ।